# ଜୟନାରାୟଣ ମିଶ୍ରଙ୍କୁ ଜାମିନ

**କଟକ,୧୪।୫/ଏନ୍‌ଏନ୍‌ଏସ୍:**



ବିଜେପି ନେତା ଜୟନାରାୟଣ ମିଶ୍ରଙ୍କୁ ହାଇକୋର୍ଟ ଅନ୍ତରୀଣ ଜାମିନ ଦେଇଛନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ଜୟନାରାୟଣ ମିଶ୍ରଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଦୁଇ ଜଣ ଜାମିନଦାର ଦାଖଲ କରି ସେ ଜାମିନରେ ମୁକୁଳିପାରିବେ ବୋଲି ହାଇକୋର୍ଟ ସର୍ତ୍ତ ରଖିଛନ୍ତି। ଆସନ୍ତା ଜୁନ୍ ୨୯ ତାରିଖରେ ଅଦାଲତରେ ସେ ହାଜିରା ଦେବାକୁ ହାଇକୋର୍ଟ କହିଛନ୍ତି। ଶ୍ରୀ ମିଶ୍ର କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ଗତ ୫ ତାରିଖରେ ତାଙ୍କ ଅବସ୍ଥା ଅଧିକ ଖରାପ ହେବାରୁ ତାଙ୍କୁ ନୂଆଦିଲ୍ଲୀର ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ୍ (ଏମ୍‌ସ)କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ବର୍ତ୍ତମାନ ଚିକିତ୍ସିତ ହେଉଛନ୍ତି। ସମ୍ବଲପୁର ବନବୀରା ଗୁଳିକାଣ୍ଡ ମାମଲାରେ ପୁଲିସ୍ ଶ୍ରୀ ମିଶ୍ରଙ୍କୁ ଗତ ମାର୍ଚ୍ଚ ୧୫ ତାରିଖରେ ଗିରଫ କରିଥିଲା।